# CHAPTER - 4

# CARBON AND ITS COMPOUNDS

Class :- X
Subject :- Science
Name of Teacher :- Jyotiranjanpradhan

Ravenshaw University

# Introduction

- କାର୍ବନ ଏକ ପ୍ରାକୃତିକ ମୌଳିକ ।
- ଖଣିଜ ରୂପରେ ଭୁପୃଷ୍ଠରେ କାର୍ବନର ପରିମାଣ ମାତ୍ର 0.02% ।
- ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ ଭାବରେ ଏହାର ପରିମାଣ ମାତ୍ର 0.03% ।
- ଏତେ କମ ପରିମାଣରେ ଥିଲେ ମଧ୍ୟ ଏହାର ବିଶେଷ ଗୁରୁତ୍ୱ ରହିଛି ।
- ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଅନେକ ଜିନିଷ କାର୍ବନର ହିଁ ଯୌଗିକ । ବାସ୍ତବରେ ଦେଖିବାକୁ ଗଲେ ମନୁଷ୍ୟ ସମେତ ସମସ୍ତ ଜୀବଜଗତ କାର୍ବନର ଅନେକ ଯୌଗିକରୁ ହିଁ ତିଆରି ।
- ରସାୟନବିତ ମାନଙ୍କୁ ସଂକେତ ସହ ଜଣା ଥିବା କାର୍ବନ ଯୌଗିକ ସଂଖ୍ୟା ପାଖାପାଖି 3 ନିୟୁତ
- ଏକା କାର୍ବନ ଯେତିକି ଯୌଗିକ ସୃଷ୍ଟି କରିପାରେ ତାର ସଂଖ୍ୟା ଅନ୍ୟ ସମସ୍ତ ମୌଳିକର ଯୌଗିକମାନଙ୍କର ସଂଖ୍ୟା ଠାରୁ ଯଥେଷ୍ଟ ଅଧିକ ।

## କାର୍ବନ ଗୋଟିଏ ମୌଳିକ ପଦାର୍ଥ ଯାହାର ପ୍ରତୀକ C ଏବଂ ପରମାଣୁ କ୍ରମାଙ୍କ 6

**ସ୍ଫଟିକ ସଦୃଶ**



ହୀରା



ଗ୍ରାଫାଇଟ

**ପାଉଡର ଆକାର**



କୋଇଲା



ଅଙ୍ଗାର

**କାର୍ବନ ଯୌଗିକ**

- ଔଷଧ
- ଖାଦ୍ୟ
- ଜାଳେଣି
- ପ୍ରସାଧନ ସାମଗ୍ରୀ
- ବସ୍ତ୍ର

- କାର୍ବନର ଅନ୍ୟ କାର୍ବନ ପରମାଣୁ ସହିତ ବନ୍ଧ ଗଠନ କରି ବୃହତ ଅଣୁ ସୃଷ୍ଟି କରିବା ପାଇଁ ଅନନ୍ୟ ସାମର୍ଥ୍ୟ ରହିଛି ଏହି ଗୁଣକୁ କାଟିନେସନ କୁହା ଯାଏ । ଯଥା –C-C-C-C-
- କାର୍ବନର ଯୋଜ୍ୟତା 4 ହୋଇଥିବାରୁ ଏହା ଅନ୍ୟ କାର୍ବନର ଚାରଟି ପରମାଣୁ ସହ କିମ୍ବା ଏକ ଯୋଜ୍ୟତା ବିଶିଷ୍ଟ ଅନ୍ୟ ମୌଳିକ ପରମାଣୁ ସହ ବନ୍ଧ ଗଠନ କରିବା ପାଇଁ ସମର୍ଥ ହୋଇଥାଏ ।
- କାର୍ବନ ଅନ୍ୟ ମୌଳିକ ସହ ବନ୍ଧ ଗଠନ କରି ବହୁତ ଶକ୍ତ ଓ ଅସାଧାରଣ ଭାବେ ସ୍ଥାୟୀ ହୋଇ ଥାଏ । କାରଣ କାର୍ବନ ଦ୍ୱାରା ଗଠିତ ବନ୍ଧର ଆକାର ଛୋଟ ।







ହୀରା



ଗ୍ରଫାଇଟ



ଷଡ଼୍‌କୋଣୀୟ ହିରା



ବକ ମିନିଷ୍ଟର ଫୁଲେରିନ ($C_{60}$)



କାର୍ବନ ପାଉଡର



ଏକ କାନ୍ଥ ବିଶିଷ୍ଟ କାର୍ବନ ନଳୀ

# କାର୍ବନରେ ବନ୍ଧ :- ସହ ସଂଯୋଜକ ବନ୍ଧ

ପରମାଣୁ କ୍ରମାଙ୍କ :- 6

ଇଲେକଟ୍ରନ ସଂରଚନା :- 2, 8

ଯୋଜ୍ୟତା :- 4




- କାର୍ବନର ବାହ୍ୟତମ କକ୍ଷରେ 4ଟି ଇଲେକଟ୍ରନ ଅଛି | ଅର୍ଥାତ ଏହାର ସଂଯୋଜକ ଇଲେକଟ୍ରନ ସଂଖ୍ୟା 4 |
- ଆମେ ଜାଣୁ ପ୍ରତ୍ୟେକ ମୌଳିକ ନିଜର ନିକଟତମ ନିଷ୍କ୍ରିୟ ଗ୍ୟାସ ସଂରଚନା ପାଇବାକୁ ଚେଷ୍ଟା କରନ୍ତି |

- କାର୍ବନ କ୍ଷେତ୍ରରେ ଏହାର ବାହ୍ୟତମ କକ୍ଷରେ ଚାରୋଟି ଇଲେକଟ୍ରନ ରହିଛି ଏବଂ ନିଷ୍କ୍ରିୟ ଗ୍ୟାସର ସଂରଚନା ଲାଭ କରିବା ପାଇଁ ଏହା ଚାରୋଟି ଇଲେକଟ୍ରନ ଗ୍ରହଣ କରିବ କିମ୍ବା ଚାରୋଟି ଇଲେକଟ୍ରନ ତ୍ୟାଗ କରିବା ଆବଶ୍ୟକ
- (i) ଏହା C- ଏନାୟନ ସୃଷ୍ଟି କରିବା ପାଇଁ ଚାରୋଟି ଇଲେକଟ୍ରନ ଗ୍ରହଣ କରନ୍ତା । କିନ୍ତୁ ଛଅଟି ପ୍ରୋଟୋନ୍ ଥିବା ନ୍ୟୁକ୍ଲିୟସ ପାଇଁ ଦଶଟି ଇଲେକଟ୍ରନ ଅର୍ଥାତ୍ ଚାରୋଟି ଅଧିକ ଇଲେକଟ୍ରନକୁ ଆୟତ୍ତରେ ରଖିବା କଷ୍ଟକର ହେବ।



- $C^{++}$ କାଟାୟନ ସୃଷ୍ଟି କରିବାକୁ ଚାରୋଟି ଇଲେକଟ୍ରନ ତ୍ୟାଗ କରନ୍ତା । କିନ୍ତୁ କାର୍ବନ ନ୍ୟୁକ୍ଲିୟସରୁ ଚାରୋଟି ଇଲେକଟ୍ରନକୁ ଅପସାରଣ କରିବା ପାଇଁ ବହୁତ ଅଧିକ ଶକ୍ତି ଆବଶ୍ୟକ ହେବ କାରଣ କାର୍ବନ କାଟାୟନ ଗଠନ ହେବାପାଇଁ କେବଳ ଦୁଇଟି ଇଲେକଟ୍ରନକୁ ଧରି ରଖିବ । ଏହାର ନ୍ୟୁକ୍ଲିୟସରେ ଛଅଟି ପ୍ରୋଟନ ଥିବାରୁ ତା'ଠାରୁ ଅନ୍ୟ ୪ଟି ଇଲେକଟ୍ରନ ଦୂରେଇ ନେବା ପାଇଁ ଅଧିକ ଶକ୍ତି ଦରକାର ।



- ତେଣୁ କାର୍ବନ ଏହାର ସଂଯୋଜକ ଇଲେକଟ୍ରନଗୁଡ଼ିକ ଅନ୍ୟ କାର୍ବନର ପରମାଣୁ ସହ କିମ୍ବା ଅନ୍ୟ ମୌଳିକର ପରମାଣୁସହ ସହଭାଜନ (Sharing) ଦ୍ଵାରା ଏହି ସମସ୍ୟାକୁ ସମାଧାନ କରିଥାଏ ।
- କେବଳ କାର୍ବନ ନୁହେଁ, ଆହୁରି ଅନେକ ମୌଳିକ ଏହିପରି ସହଭାଜନ ଦ୍ଵାରା ଅଣୁ ସୃଷ୍ଟି କରନ୍ତି
- କାର୍ବନ ଯୌଗିକ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆସ ସଂଯୋଜକ ଇଲେକଟ୍ରନ ସହଭାଜନ ଦ୍ଵାରା ସୃଷ୍ଟ କେତୋଟି ସରଳ ଅଣୁ କଥା ବିଚାର କରିବା ।

# ହାଇଡ୍ରୋଜେନ ଅଣୁର ଗଠନ




ହାଇଡ୍ରୋଜେନ୍‌ର ଏକ ଅଣୁ




ପରମାଣୁ କ୍ରମାଙ୍କ :- 1

ଇଲେକଟ୍ରନ ସଂରଚନା :- 1

ଯୋଜ୍ୟତା :- 1

# ଅକ୍ସିଜେନ ଅଣୁର ଗଠନ




ଦୁଇଟି ଅକ୍ସିଜେନ୍ ପରମାଣୁ

$O_2$ ଅଣୁ

O=O

ଦୁଇଟି ଅକ୍ସିଜେନ୍ ପରମାଣୁ ମଧ୍ୟରେ ଦ୍ୱିବନ୍ଧ




ପରମାଣୁ କ୍ରମାଙ୍କ :- 8

ଇଲେକଟ୍ରନ ସଂରଚନା :- 2, 6

ଯୋଜ୍ୟତା :- 2

# ନାଇଟ୍ରୋଜେନ ଅଣୁର ଗଠନ




ଦୁଇଟି ନାଇଟ୍ରୋଜେନ୍ ପରମାଣୁ

$N_2$ ଅଣୁ

$N \equiv N$

ଦୁଇଟି ନାଇଟ୍ରୋଜେନ୍ ପରମାଣୁ ମଧ୍ୟରେ ତ୍ରିବନ୍ଧ




ପରମାଣୁ କ୍ରମାଙ୍କ :- 7

ଇଲେକଟ୍ରନ ସଂରଚନା :- 2, 5

ଯୋଜ୍ୟତା :- 3

# ମିଥେନ ଅଣୁର ଗଠନ




ଚିତ୍ର 4.5 ମିଥେନ ପାଇଁ ଇଲେକ୍ଟ୍ରନ୍ ଡଟ୍ ସଂରଚନା

| ବନ୍ଧ ସଂଖ୍ୟା | ଉଦାହରଣ |
|---|---|
| ଏକ ବନ୍ଧ |  |
| ଦୁଇ ବନ୍ଧ |  |
| ତିନି ବନ୍ଧ |  |




- ସାଧାରଣତଃ କାର୍ବନ ଇଲେକ୍ଟ୍ରନ ସହଭାଗିତା ଭାବରେ ସହ ସଂଯୋଜ୍ୟ ବନ୍ଧ ଗଠନ କରେ ।
- ସାଧାରଣତଃ ସହସଂଯୋଜ୍ୟ ବନ୍ଧ ହେଉଛି ଏକକ ବନ୍ଧ । ଏକକ ବନ୍ଧ କହିଲେ ଏକ ଯୋଡ଼ା ଇଲେକ୍ଟ୍ରନ ମଧ୍ୟରେ ସହଭାଗିତା । ମିଥେନ ଏହାର ଉଦାହରଣ ।
- ଦୁଇ ବନ୍ଧ ଗଠନ ବେଳେ ଦୁଇ ଯୋଡ଼ା ଇଲେକ୍ଟ୍ରନ ମଧ୍ୟରେ ସହଭାଗିତା ହୁଏ । ଏଥିନ-ଏହାର ଉଦାହରଣ ।
  ତ୍ରିବନ୍ଧ ଗଠନ ବେଳେ ତିନି ଯୋଡ଼ା ଇଲେକ୍ଟ୍ରନ ମଧ୍ୟରେ ସହଭାଗିତା ହୁଏ । ଇଥାଇନ- ଏହାର ଉଦାହରଣ ।

**ପୃକ୍ତ କାର୍ବନ ଯୌଗିକ–କାର୍ବନ ପରମାଣୁ ଅନ୍ୟ ଏକ କାର୍ବନ ପରମାଣୁ ସହ ଏକ ବନ୍ଧ ଦ୍ୱାରା ସଂଯୁକ୍ତ ହୋଇ ଯୌଗିକ ଗଠନ କରିବାକୁ ପୃକ୍ତ କାର୍ବନ ଯୌଗିକ କହନ୍ତି ।**

ଉଦାହରଣ ଇଥେନ,($C_2H_6$)ର ଅଣୁ ସଂରଚନା ନିମ୍ନ ପଦ୍ଧତି ଦ୍ୱାରା ସମ୍ପନ୍ନ ହୁଏ ।

ପ୍ରଥମ ସୋପାନ C — C

ଦ୍ୱିତୀୟ ସୋପାନ 

- ଅପୃକ୍ତ କାର୍ବନ ଯୌଗିକ–କାର୍ବନ ଯୌଗିକ ଯେଉଁଥିରେ କାର୍ବନ–କାର୍ବନ ମଧ୍ୟରେ ଦ୍ୱି ବନ୍ଧ କିମ୍ବା ତ୍ରିବନ୍ଧ ଥାଏ ତାକୁ ଅପୃକ୍ତ କାର୍ବନ ଯୌଗିକ କହନ୍ତି ।

ଉଦାହରଣ ଏଥିନ ଅଣୁର ଗଠନ ($C_2H_4$)

ସୋପାନ–1 C — C

ସୋପାନ–2 

ସୋପାନ–3 

# କାର୍ବନ ଓ ହାଇଡ୍ରୋଜେନର କେତୋଟି ପୃକ୍ତ ଯୌଗିକ

| | | | |
|---|---|---|---|
| 1 | ମିଥେନ୍ | $CH_4$ |  |
| 2 | ଇଥେନ୍ | $C_2H_6$ |  |
| 3 | ପ୍ରୋପେନ୍ | $C_3H_8$ |  |
| 4 | ବ୍ୟୁଟେନ | $C_4H_{10}$ |  |
| 5 | ପେଣ୍ଟେନ୍ | $C_5H_{12}$ |  |
| 6 | ହେକ୍ସେନ୍ | $C_6H_{14}$ |  |

## କେତେକ କାର୍ବନ ଯୌଗିକର ଗଳନାଙ୍କ ଓ ସ୍ଫୁଟନାଙ୍କ ନିମ୍ନରେ ଦିଆଯାଇଛି

| ଯୌଗିକ | ଗଳନାଙ୍କ (K) | ସ୍ଫୁଟନାଙ୍କ (K) |
|---|---|---|
| ଏସିଟିକ୍ ଅମ୍ଳ ($CH_3COOH$) | 290 | 391 |
| କ୍ଲୋରୋଫର୍ମ ($CHCl_3$) | 209 | 334 |
| ଇଥାନଲ ($CH_3CH_2OH$) | 156 | 351 |
| ମିଥେନ ($CH_4$) | 90 | 111 |


କାର୍ବନ ଯୌଗିକର ରାସାୟନିକ ଧର୍ମ
ଦହନ
ଜାରଣ
ଯୋଗ
ବିସ୍ଥାପନ

# କାର୍ବନ ଯୌଗିକର ରାସାୟନିକ ଧର୍ମ

## Chemical Properties of Carbon

କାର୍ବନ ଯୌଗିକର କେତୋଟି ରାସାୟନିକ ଧର୍ମ ସମ୍ବନ୍ଧରେ ଆଲୋଚନା କରିବା । ପ୍ରଥମେ ଦହନ ବିଷୟରେ ଅଧ୍ୟୟନ କରିବା କାରଣ ଆମେ ବ୍ୟବହାର କରୁଥିବା ଅଧିକାଂଶ ଜାଳେଣି ହେଉଛି କାର୍ବନ କିମ୍ବା ଏହାର ଯୌଗିକ ।

ଦହନ

Combustion

$C + O_2 = CO_2$ + ତାପ ଏବଂ ଆଲୋକ



Combustion

$$CH_3CH_2OH + 3O_2 \longrightarrow 2CO_2 + 3H_2O + \text{ଶକ୍ତି}$$



# କାର୍ବନ ଯୌଗିକଗୁଡିକର ରାସାୟନିକ ଧର୍ମ

## ଜାରଣ (Oxidation)

କାର୍ବନ ଯୌଗିକଗୁଡ଼ିକ ଦହନ ଦ୍ୱାରା ସହଜରେ ଜାରିତ ହୋଇପାରନ୍ତି । ଏହି ସମ୍ପୂର୍ଣ୍ଣ ଜାରଣ ଛଡ଼ା ଅନେକ ପ୍ରତିକ୍ରିୟା ଅଛି ଯେଉଁଥିରେ ଆଲ୍‌କହଲଗୁଡ଼ିକ କାର୍ବୋକ୍‌ସିଲିକ୍ ଏସିଡ୍‌ରେ ପରିଣତ ହୁଏ -

$$CH_3 - CH_2OH \xrightarrow[\text{କିମ୍ବା ଅମ୍ଳୀୟ } K_2Cr_2O_7 + \text{ ତାପ}]{\text{କ୍ଷାରୀୟ } KMnO_4 + \text{ ତାପ}} CH_3COOH$$